# NATIONAL NEWS BULLETIN (ODIA)
## 2 October - 2023
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଆଜି ମହାନ ଜନନାୟକ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ।
- ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ନୂଆଦିଲ୍ଲୀ ସଦର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି ।
- ରାଜସ୍ଥାନ ବିଧାନସଭା ନିର୍ବାଚନରେ ପ୍ରଥମଥର ପାଇଁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କୁ ଘରେ ରହି ଭୋଟ୍ ଦେବାର ବ୍ୟବସ୍ଥା କରାଯାଇଛି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସୀୟ କ୍ରୀଡ଼ାର ମହିଳା ବିଭାଗ ୧୫ଶହ ମିଟର ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବା ହରମିଲନ୍ ବେନ୍ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଏବଂ

● ଚୀନ୍‌ର ହଙ୍ଗଝୌ'ଠାରେ ଚାଲିଥିବା ଏସୀୟ କ୍ରୀଡ଼ା  ଭାରତ ଏପର୍ଯ୍ୟନ୍ତ ୫୩ଟି ପଦକ ହାସଲ କରିଛି ।

# ଗାନ୍ଧି ଜୟନ୍ତୀ

ଆଜି ହେଉଛି  ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ । ଏହି ଅବସରରେ ସମଗ୍ର ଦେଶ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରୁଛି ।

୧୮୬୯ ମସିହା ଆଜିର ଦିନରେ ଗୁଜରାତର ପୋର ବନ୍ଦରରେ ମହାତ୍ମା ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ । ଭାରତକୁ ସ୍ୱାଧୀନ କରିବା ଲାଗି ସେ ଅସହଯୋଗ  ଓ ଅହିଂସା ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଦାଣ୍ଡି ଯାତ୍ରା ଆଦିର ନେତୃତ୍ୱ ନେଇଥିଲେ । ସ୍ୱଚ୍ଛତାକୁ ଗାନ୍ଧିଜୀ ନିଜ ଜୀବନର ମୂଳମନ୍ତ୍ର କରିବା ସହ ଦେଶବାସୀଙ୍କୁ ସ୍ୱଚ୍ଛତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ ।  ସ୍ୱାଧୀନତା ମିଳିବା ପରେ ଦେଶରେ ସାମାଜିକ ଏବଂ ଆର୍ଥିକ ସୁଧାର ଆଣିବା ପାଇଁ ଗାନ୍ଧିଜୀଙ୍କର ଅବଦାନ ଥିଲା ସ୍ମରଣୀୟ । ସେ ସର୍ବଦା ସତ୍ୟ, ଅହିଂସା, ଏବଂ ଧୈର୍ଯ୍ୟର ମାର୍ଗରେ ଚାଲିବା ପାଇଁ ପ୍ରେରଣା ଦେଉଥିଲେ ।

ଅକ୍ଟୋବର ୨, ୧୯୦୪ ମସିହାରେ ଶାସ୍ତ୍ରିଜୀ ଉତ୍ତରପ୍ରଦେଶର ମୋଗଲସରାଏ ରେ ଜନ୍ମ ଗ୍ରହଣ କରିଥିଲେ । ୧୯୬୪ ମସିହାରେ ସେ

ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ସେ ଭାରତର ଦୃଢ଼ ନେତୃତ୍ୱ ନେଇଥିଲେ । ସେନା ଏବଂ କୃଷକଙ୍କୁ ସେ ସମ୍ମାନ ପ୍ରଦର୍ଶନ କରିବା ସହିତ ତାଙ୍କର ମହତ୍ୱକୁ ଦେଶବାସୀଙ୍କୁ ଅବଗତ କରାଇବା ପାଇଁ 'ଜୟ ଯବାନ-ଜୟ କିଷାନ' ନାରା ଦେଇଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଏହି ଦୁଇ ମହାନ୍ ଜନନାୟକଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଏକ ବାର୍ତ୍ତାରେ କହିଛନ୍ତି ମହାତ୍ମା ଗାନ୍ଧୀଙ୍କ ବିଚାର ସାରା ବିଶ୍ୱକୁ ଅନୁପ୍ରାଣିତ କରିଛି । ଲୋକଙ୍କ ସହ ମିଶିବା ଓ ସେମାନଙ୍କୁ ଆପଣେଇ ନେବା ବାପୁଙ୍କର ବିଶେଷତ୍ୱ ଥିଲା ।  ସେହିପରି ଆମ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଶାସ୍ତ୍ରିଜୀ ତାଙ୍କର ଦୃଢ଼ ନେତୃତ୍ୱ ପାଇଁ ଚିର ସ୍ମରଣୀୟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ।

# ବିଜେପି ସିଇସି

ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ନୂଆଦିଲ୍ଲୀ ସଦର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ବୈଠକରେ ଯୋଗ ଦେଇଥିଲେ । ଛତିଶଗଡ଼ ଓ ରାଜସ୍ଥାନ ପାଇଁ ଆଗାମୀ ବିଧାନସଭା ନିର୍ବାଚନ ସକାଶେ ବିଜେପି ପ୍ରାର୍ଥୀମାନଙ୍କର ନାମ ଚୂଡ଼ାନ୍ତ କରାଯାଇଥିବାର ଆଶା କରାଯାଉଛି । କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ

ମେଘୱାଲ, ଗଜେନ୍ଦ୍ର ସିଂ ଶେଖାୱତ, ପ୍ରହ୍ଲାଦ ଯୋଶୀ ଏବଂ ଅନ୍ୟ ବିଜେପି ନେତାମାନେ ଏହି ବୈଠକରେ ଯୋଗଦେଇଥିଲେ ।

## ବୈଷ୍ଣବ ସ୍ୱଚ୍ଛତା

ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ହରିଆଣାର ଗୁଡଗାଓଁ ରେଳଷ୍ଟେସନ ଠାରେ ଗତକାଲି ଶ୍ରମଦାନ ସ୍ୱଚ୍ଛତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ରେଳ ଷ୍ଟେସନ ପରିସରରେ ରେଳ ଧାରଣା ସଫେଇ କାର୍ଯ୍ୟକ୍ରମରେ ସେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀ ବୈଷ୍ଣବ ବନ୍ଦେ ଭାରତ ଏକ୍ସପ୍ରେସ୍ ପାଇଁ ୧୪ ମିନିଟିଆ ସଫେଇ ଅଭିଯାନର ଶୁଭାରମ୍ଭ କରିଥିଲେ । ଶ୍ରୀ ବୈଷ୍ଣବ କହିଛନ୍ତି ଦ୍ରୁତ ପରିଷ୍କାର ଡ୍ରିଲ୍ ଦ୍ୱାରା ବନ୍ଦେ ଭାରତ ଟ୍ରେନ୍ ଗୁଡ଼ିକ ଖୁବ୍ ଅଳ୍ପ ସମୟରେ ପରିଷ୍କାର ହୋଇପାରିବ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ନୂଆ ପଦ୍ଧତି ଜରିଆରେ ଜନସାଧାରଣଙ୍କୁ ସେବା ପ୍ରଦାନରେ ଉନ୍ନତି ଆଣିବା ପାଇଁ ସଦାସର୍ବଦା ପରାମର୍ଶ ଦେଇଛନ୍ତି ।

## ଅନୁରାଗ-ଅବିନାଶ

କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ପୁରୁଷ ବିଭାଗ ୩ ହଜାର ମିଟର ଷ୍ଟିପ୍‌ଲେଚ୍ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରିଥିବା ଅବିନାଶ ସାବ୍‌ଲେଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଶ୍ରେଣୀରେ ସେ

ଏସୀୟ କ୍ରୀଡ଼ାରେ ରେକର୍ଡ ସ୍ଥାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଠାକୁର କହିଛନ୍ତି 'ଟିଓପିଏସ୍' ଟପ୍ ସ୍କିମ୍ ଆଥ୍ଲେଟ୍ ଅବିନାଶ ନିଜର ମଜବୁତ ମନୋବଳ ଓ ଦକ୍ଷତା ଜରିଆରେ ଏହି ଟ୍ରାକ୍ ରେକର୍ଡରେ ନିଜର ଶକ୍ତି ଓ ସାମର୍ଥ୍ୟକୁ ପ୍ରତିପାଦନ କରିପାରିଛନ୍ତି ।

# ପିଏମ୍-ଆଥ୍ଲେଟିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସୀୟ କ୍ରୀଡ଼ାର ମହିଳା ବିଭାଗ ୧୫ଶହ ମିଟର ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବା ହରମିଲନ୍ ବେନ୍ସଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଅତ୍ୟନ୍ତ ଆଗ୍ରହ, ଉତ୍ସାହ ଓ କ୍ରୀଡ଼ା ପ୍ରତି ଭଲପାଇବା ମନୋଭାବ ଯୋଗୁଁ ହରମିଲନ୍ ଏଭଳି ବିଚକ୍ଷଣ ସଫଳତା ହାସଲ କରିଛନ୍ତି ।

ପ୍ରଧାନମନ୍ତ୍ରୀ ପୁରୁଷ ବିଭାଗ ୧୫ ଶହ ମିଟର ଫାଇନାଲ୍‌ରେ ରୌପ୍ୟ ପଦକ ବିଜେତା ଅଜୟ କୁମାର ସରୋଜଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଅଜୟ କୁମାରଙ୍କର ଏହି ବିଚକ୍ଷଣ ସଫଳତା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଏକ ଗୌରବମୟ ଅଧ୍ୟାୟ ଲେଖିଛି । ଶ୍ରୀ ମୋଦୀ ୧୫ ଶହ ମିଟର ଫାଇନାଲ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଜିନ୍‌ସନ୍ ଜନ୍‌ସନ୍‌ଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି । ଗୌରବର ଶୀର୍ଷରେ ସେ ସବୁବେଳେ ରହିବେ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି । ମହିଳା

ହେପ୍‌ଟାଥଲନ୍ ୮ଶହ ମିଟର ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ବିଜେତା ନନ୍ଦିନୀଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ଲଙ୍ଗଜମ୍ପ ପ୍ରତିଯୋଗୀ ଶ୍ରୀଶଙ୍କର ମୁରଲୀଙ୍କୁ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିବାରୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ବଂଶଧରମାନଙ୍କ ପାଇଁ ସେ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଡିସ୍‌କସ୍ ଥ୍ରୋ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ବିଜେତା ସୀମା ପୁନିଆଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଦେଶ ପାଇଁ ସେ ଗର୍ବ ବୋଲି ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ତି ।

## ରାଜସ୍ଥାନ ଭୋଟ

ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ଚଳିତ ନିର୍ବାଚନରେ ପ୍ରଥମଥର ପାଇଁ ରାଜ୍ୟର ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କୁ ଘରେ ଭୋଟ୍ ଦେବାର ବ୍ୟବସ୍ଥା କରାଯାଇଛି । ନିର୍ବାଚନ କମିଶନର ରାଜୀବ କୁମାର ଏ ସଂପର୍କରେ କହିଛନ୍ତି ରାଜସ୍ଥାନରେ ୮୦ ବର୍ଷରୁ ଅଧିକ ବୟସର ପ୍ରାୟ ୧୧ ଲକ୍ଷ ୮୦ ହଜାର ଭୋଟର ରହିଛନ୍ତି । ସେହିଭଳି ୧୦୦ବର୍ଷରୁ ଅଧିକ ବୟସର ୧୮ ହଜାର ୪୬୨ ଜଣ ମତଦାତା ଅଛନ୍ତି । ଏହି ଭୋଟରଙ୍କ ସମେତ ୪୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଭୋଟର ରହିଥିବାରୁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଏସିଆନ୍ ଗେମ୍ସ୍

ଚୀନ୍‌ର ହଙ୍ଗଝୌ'ଠାରେ ଚାଲିଥିବା ୨୦୨୩ ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ଭାରତୀୟ ପ୍ରଯୋଗୀମାନେ ୧୩ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଓ ୧୯ଟି ବ୍ରୋଞ୍ଜ ପଦକ ସମେତ ଏପର୍ଯ୍ୟନ୍ତ ୫୩ଟି ପଦକ ହାସଲ କରିଛନ୍ତି । ଗତକାଲି ଗୋଟିଏ ଦିନରେ ଭାରତ ୩ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ଜିତିଥିଲା । ଆଥଲେଟିକ୍‌ସ ବିଭାଗରେ ଗତକାଲି ୨ଟି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ଗୋଟିଏ ଗେମ୍ ରେକର୍ଡ ସ୍ଥାପନା କରିଛି । ଭାରତର ପ୍ରତିଯୋଗୀମାନେ ବନ୍ଧୁକ ଚାଳନାରେ ଗତକାଲି ସର୍ବୋତ୍ତମ ପ୍ରଦର୍ଶନ କରିଥିଲେ । ୭ଟି ସ୍ୱର୍ଣ୍ଣ ସମେତ ବନ୍ଧୁକ ଚାଳନାରେ ଭାରତ ୨୨ଟି ପଦକ ହାସଲ କରିଛି । ଅବିନାଶ, ମୁକୁନ୍ଦ ଭାରତୀୟ ପ୍ରତିଯୋଗୀ ଅବିନାଶ୍ ସାବଲ ୩ ହଜାର ମିଟର ଷ୍ଟିପଲ୍‌ଚେଜ୍ ବିଭାଗରେ ସ୍ୱର୍ଣ୍ଣପଦକ ଜିତିଥିବାବେଳେ ଏହି ପଦକ ଆଥ୍‌ଲେଟିକ୍ସରେ ଭାରତପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ହୋଇଛି ।

ସେହିପରି ଭାରତ ପକ୍ଷରୁ ତେଜିନ୍ଦର ପାଲ୍ ସିଂହ ତୁର ସଟ୍‌ପୁଟ୍‌ରେ ସ୍ୱର୍ଣ୍ଣପଦକ ଜିତିଥିବାବେଳେ ଏହା ଭାରତର ତ୍ରୟୋଦଶ ସ୍ୱର୍ଣ୍ଣପଦକ ହୋଇଛି ।

ଭାରତୀୟ ବନ୍ଧୁକଚାଳନାକାରୀ ପୁରୁଷ ବିଭାଗ ବ୍ୟକ୍ତିଗତ ଟ୍ରାପ୍ ଫାଇନାଲ୍‌ରେ ଚେନ୍ନାଇର କିନାନ୍ ଡାରିଅସ୍ ଚେନାଇଙ୍କୁ ମିଳିଛି । ଏକ ଚିତ୍ତାକର୍ଷକ ପ୍ରତିଯୋଗିତାରେ ଚେନ୍ନାଇ ଟିମ୍ ୩୨ ପଏଣ୍ଟ ହାସଲ କରି

ଦେଶପାଇଁ ବ୍ରୋଞ୍ଜ୍ ପଦକ ଆଣିଛି । ପୂର୍ବରୁ ଚେନାଇ ଜୋରଭର ସିଂହ ସାନ୍ଧୁ ଓ ପୃଥ୍ୱୀରାଜ ଟୋଣ୍ଡାଇମାନ୍ ପୁରୁଷ ବିଭାଗ ଦଳଗତ ଟ୍ରାପ୍ ପ୍ରତିଯୋଗିତାରେ ୩୬୧ ପଏଣ୍ଟ୍ ପାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଭାରତର ରାଜେଶ୍ୱରୀ କୁମାରୀ, ମନିଶା କୀର ଓ ପ୍ରୀତି ରଜାକ ମହିଳା ଦଳଗତ ଟ୍ରାପ୍ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି । ଏଥିସହିତ ଭାରତର ବନ୍ଧୁକଚାଳନା ପ୍ରତିଯୋଗିତା ଶେଷ ହୋଇଛି । ବନ୍ଧୁକଚାଳନା ପ୍ରତିଯୋଗିତାରେ ଭାରତ ୨୨ଟି ପଦକ ହାସଲ କରିଛି ।

ମହିଳା ବିଭାଗ ବ୍ୟକ୍ତିଗତ ଗଲ୍ଫ ପ୍ରତିଯୋଗିତାରେ ଅଦିତି ଅଶୋକ ରୌପ୍ୟ ପଦକ ପାଇଛନ୍ତି । ଏସୀୟ କ୍ରୀଡ଼ାରେ ଗଲ୍ଫ୍ ପ୍ରତିଯୋଗିତାରେ ପଦକ ଜିତିବାରେ ସେ ହେଉଛନ୍ତି ଭାରତୀୟ ମହିଳା ପ୍ରତିଯୋଗୀ । ଆଥ୍ଲେଟିକ୍ସରେ ଜ୍ୟୋତି ୟାରାଜି ମହିଳା ୨୦୦ ମିଟର ଫାଇନାଲ୍ ପ୍ରତିଯୋଗିତାରେ ଅସଫଳ ହୋଇଛନ୍ତି । ପୁରୁଷ ୨୦୦ ମିଟର ସେମିଫାଇନାଲ୍‌କୁ ଅମ୍ଲାନ ବୋର୍‌ଗୋହେଁ ତୃତୀୟ ସ୍ଥାନ ପାଇଛନ୍ତି । ଭାରତୀୟ ମୁଷ୍ଟିଯୋଦ୍ଧା ପର୍‌ବିନ୍ ହୁଦା ମହିଳା ବିଭାଗ ୫୭ କିଲୋଗ୍ରାମ ଶ୍ରେଣୀରେ ଉଜ୍‌ବେକିସ୍ତାନର ସିତୋରା ତୁର୍ଦିବେକୋଭା'ଙ୍କୁ କ୍ୱାର୍ଟର ପାଇନାଲ୍‌ରେ ହରେଇ ୫ ପଏଣ୍ଟ ହାସଲ୍ କରିଛନ୍ତି । ଏହାଫଳରେ

ପର୍‌ବିନ୍‌ଙ୍କୁ ଗୋଟିଏ ପଦକ ମିଳିବ ଏବଂ ୨୦୨୪ ପ୍ୟାରିସ୍ ଅଲମ୍ପିକ୍ସ ପାଇଁ ଭାରତର କୋଟା ନିଶ୍ଚିତ ହୋଇପାରିଛି । ଆସନ୍ତା ବୁଧବାର ଦିନ ପର୍‌ବିନ୍ ହୁଦା ସେମିଫାଇନାଲ୍ ଖେଳିବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ ପବ୍ଲିକ୍ ସ୍ପିକ୍ କାର୍ଯ୍ୟକ୍ରମରେ ଆଜି ରାତି ସାଢ଼େ ୯ଟାରେ ଜନ୍ମ ଓ ମୃତ୍ୟୁର ଡିଜିଟାଲ୍ ପଞ୍ଜିକରଣ ସଂକ୍ରାନ୍ତରେ ଏକ ଆଲୋଚନା ପ୍ରସାର କରାଯିବ । ଏଥିରେ ଅଂଶ ଗ୍ରହଣ କରିବେ ଭାରତର ଅତିରିକ୍ତ ମହାପ୍ରବନ୍ଧକ ସଞ୍ଜୀବ କୁମାର । ଶ୍ରୋତାମାନେ ଆମର ବିଶେଷଜ୍ଞଙ୍କୁ ଜନ୍ମମୃତ୍ୟୁ ସଂକ୍ରାନ୍ତୀୟ ଡିଜିଟାଲ ପଞ୍ଜୀକରଣର ବିଭିନ୍ନ ଦିଗ ସମେତ ପଞ୍ଜୀକରଣ ପ୍ରକ୍ରିୟା, ଆବଶ୍ୟକୀୟ ପ୍ରମାଣପତ୍ର, ଆବେଦନ ପାଇଁ ସମୟସୀମା ସଂକ୍ରାନ୍ତରେ ପ୍ରଶ୍ନ ପଚାରି ପାରିବେ । ଏଥିରେ ଅଂଶ ଗ୍ରହଣ କରିବା ପାଇଁ ୦୧୧-୨୩୭୧୭୧୦୬ ଓ ୦୧୧-୨୩୩୧୪୪୪୪କୁ ଫୋନ୍ କରି ରାତି ସାଢ଼େ ୯ଟାରୁ ପ୍ରଶ୍ନ ପଚରାଯାଇ ପାରିବ । ବିକଳ୍ପ ଭାବେ ହ୍ୱାଟ୍‌ସଆପ୍ ନମ୍ବର-୯୨୮୯୦୯୪୦୪୪ ନମ୍ବର ଜରିଆରେ ମଧ୍ୟ ପ୍ରଶ୍ନ ପଚରାଯାଇ ପାରିବ । ଆକାଶବାଣୀର ଏଫ୍‌ଏମ୍ ଗୋଲ୍‌ଡ ଚ୍ୟାନେଲ୍, ଓ ଅତିରିକ୍ତ ଫ୍ରିକ୍ୟୁଏନ୍ସି ଯୋଗେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆମର ୱେବ୍‌ସାଇଟ୍ **new on air.gov. in** ଏବଂ

ୟୁଟ୍ୟୁବ୍ ଚ୍ୟାନେଲ୍ **news on official** ରେ ମଧ୍ୟ ଏହା ଶୁଣାଯାଇ ପାରିବ ।